ପ୍ରେସ୍ ନୋଟ୍ ।

# ଆସନ୍ତା ଅଗଷ୍ଟ ୧ ଓ ୨ ତାରିଖକୁ ସଟ୍ ଡାଉନ୍ ଘୋଷଣା କଲେ ଜିଲ୍ଲାପାଳ ।

ଅନୁଗୋଳ,୩୧.୦୭ :- ଅନୁଗୋଳ ଜିଲ୍ଲାରେ ଆଜି ସମୁଦାୟ୍ କରୋନା ପଜିଟିଭ୍ ସଂଖ୍ୟା ୩୩୬ରେ ପହଞ୍ଚିବା ପରେ ଜିଲ୍ଲାକୁ ଆସନ୍ତା ଅଗଷ୍ଟ ମାସର ୧ ଓ ୨ ତାରିଖ (ଶନିବାର ଓ ରବିବାର)କୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସଟ୍‌ଡାଉନ୍ ଘୋଷଣା କରିଛନ୍ତି । ପରବର୍ତ୍ତୀ ନିର୍ଦ୍ଦେଶନାମା ଆସିବା ପର୍ଯ୍ୟନ୍ତ ଏହି ଘୋଷଣାନାମା ଜାରି ରହିବ।

ଏହି ସମୟ୍ ମଧ୍ୟରେ ସମସ୍ତ ସାପ୍ତାହିକ ହାଟ,ବଜାର ବନ୍ଦ ରହିବ । ଜିଲ୍ଲାର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ସୋମବାରରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରୀ ହେବା ପର୍ଯ୍ୟନ୍ତ ସକାଳ ୭ଘଟିକାରୁ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ଖୋଲା ରହିବ । ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ସାମାଜିକ ଦୂରତା ରକ୍ଷା କରିବେ ନାହିଁ ସେମାନଙ୍କ ଦୋକାନଗୁଡିକୁ ସିଲ୍ କରାଯିବ।

ଏହି ସଟ୍ ଡାଉନ୍ ସମୟ୍‌ରେ ସମସ୍ତ ଅଣ ଅତ୍ୟାବଶ୍ୟକିୟ କ୍ରିୟାକଳାପ ବନ୍ଦ ରହିବା ସହିତ କେବଳ ନିମ୍ନ ଲିଖିତ ଅନୁମୋଦିତ କ୍ରିୟାକଳାପ ଗୁଡିକ ଚାଲୁ ରହିବ।

୧. ସମସ୍ତ ଡାକ୍ତରଖାନା,କ୍ଲିନିକ,ନର୍ସିଂ ହୋମ୍,ଔଷଧ ଦୋକାନ ସହ ଆମ୍ବୁଲାନ୍ସ ସେବା ଏବଂ ଡାକ୍ତରଖାନା କର୍ମଚାରୀ
୨. ଜିଲ୍ଲା ଏବଂ ପୌରପ୍ରଶାସନ/ପୋଲିସ୍/ଅଗ୍ନିଶମ ସେବା
୩. ଜରୁରୀ ସେବାରେ ନିୟୋଜିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀ
୪. ଦୂରସଂଚାର ସେବା
୫. ପେଟ୍ରୋଲ୍ ପମ୍ପ
୬. ଜିଲ୍ଲା ପୋଲିସ ଦ୍ୱାରା ଚିହ୍ନଟକାରୀ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକସ୍ ମେଡିଆ
୭. ଜଳ ଯୋଗାଣ, ପରିମଳ ଓ ସ୍ୱେରେଜ୍ କର୍ମୀ
୮. ବିଦ୍ୟୁତ୍ ଯୋଗାଣ ଓ ବଣ୍ଟନ
୯. ମାଲ୍ ପରିବହନ ଗାଡି(ବୋଝେଇ କିମ୍ୱା ଖାଲି)
୧୦. ଶିଳ୍ପ ସଂସ୍ଥା,କାରଖାନା ଓ ନିର୍ମାଣ କାର୍ଯ୍ୟ
୧୧. କୃଷି,ଉଦ୍ୟାନ କୃଷି,ମତ୍ସ୍ୟଚାଷ,ପଶୁପାଳନ ଏବଂ ମଣ୍ଡି ଗୁଡକରେ ସଂଗ୍ରହ କାର୍ଯ୍ୟ
୧୨. ଆଇ ଟି,ହେଟେଲ୍ ଓ ସେବା ସଂସ୍ଥା
୧୩. ରେଳ ଓ ବିମାନ ଯାତାୟତ
୧୪. ରାଜପଥରେ ପରିବହନ

୧୫. ଯାତ୍ରୀ ମାନଂକର ଗମନାଗମନ ସୁବିଧା ନିମନ୍ତେ ରେଳ ଷ୍ଟେସନ ଓ ବସ୍‌ଷ୍ଟାଣ୍ଡକୁ ସରକାରୀ ଓ ବେସରକାରୀ ଗାଡି ଯାତାୟତ

୧୬. ସ୍ଥାନୀୟ ଅଧିକାରୀଙ୍କ ଅନୁମତି ସହ ବିବାହ ଓ ଅନ୍ତେଷ୍ଟିକ୍ରିୟା

୧୭. ଏ ଟି ଏମ୍ ଓ ଆର୍ ବି ଆଇ

୧୮. ଖାଦ୍ୟପଦାର୍ଥ, ତେଜରାତିସାମଗ୍ରୀ, ପନିପରିବା ଏବଂ ଅତ୍ୟବଶ୍ୟକୀୟ ସାମଗ୍ରୀର ହୋମ୍ ଡେଲିଭରି ।

୧୯. ଜାତୀୟ, ଓ ରାଜ୍ୟ ରାଜପଥ କଡରେ ଥିବା ଢାବାରୁ କେବଳ ପ୍ୟାକ କରିଖାଦ୍ୟ ନେଇହେବ

୨୦. କ୍ଷୀର ଦୋକାନ

୨୧. ସମ୍ବାଦପତ୍ର ବିତରଣ କେବଳ ସକାଳ ୬ ଘଟିକାରୁ ୯ଘଟିକା ପର୍ଯ୍ୟନ୍ତ

କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତରଫରୁ ଜନସାଧାରଣଂକ ସୁବିଧାମତେ ସମସ୍ତପ୍ରକାର ଆନୁସଂଗୀକ ଅତ୍ୟାବଶ୍ୟକୀୟ ସେବା ଯୋଗାଇ ଦିଆଯାଉଛି । ସରକାରଂକ ଦ୍ୱାରା ପ୍ରଣିତ ନିୟମାବଲୀକୁ ମାନି ସମସ୍ତେ ସାମାଜିକ ଦୂରତା ଅବଲମ୍ବନ ସହ ହାତ ଧୋଇବା ଓ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି । ଜନସାଧାରଣ ଆତଙ୍କିତ ନ ହୋଇ ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ସମର୍ଥନ ଜଣାଇ ନିଜେ ସୁରକ୍ଷିତ ରୁହନ୍ତୁ ଓ ଅନ୍ୟକୁ ସୁରକ୍ଷିତ ରଖନ୍ତୁ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।